For the Latest On Odisha
Log on to
www.odishasuntimes.com
Odisha's first 24 x 7 English News Portal



EASTERN MEDIA LIMITED
SAMBAD
ସମ୍ବାଦ
www.sambadepaper.com




PUBLISHED FROM BHUBANESWAR CUTTACK BERHAMPUR ANGUL BALASORE JEYPORE ROURKELA SAMBALPUR
RNI Regd. No. 42132/84 ❖ ❖ Volume XXX No 47 Cuttack Thursday 21 November 2013 ₹ 4.00 Page 14+Cine Sambad
କଟକ, ଗୁରୁବାର ୨୧ ନଭେମ୍ବର ୨୦୧୩, ମୂଲ୍ୟ ୪ ଟଙ୍କା, ୧୪ ପୃଷ୍ଠା+ସିନେ ସମ୍ବାଦ

# ନାରୀ ଶିକ୍ଷାର ବିକାଶ ନିମନ୍ତେ ଆଲୋଚନାଚକ୍ର

ଅହିୟାସ ,୨୦/୧୧(ଇମିସ): ଦଶରଥପୁର ବ୍ଲକ୍ ଅଧୀନ କସପା ପଂଚାୟତ ପଲ୍ଲାସାହି ଗ୍ରାମର ନେହରୁ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ତଥା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ରାଉତଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ନବଜୀବନ ଫାଉଣ୍ଡେସନ୍ ସଂସ୍ଥା ତରଫରୁ ନରୀ ଶିକ୍ଷାର ବିକାଶ ନିମନ୍ତେ ଏକ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି। ଦୁଦୁରାଅନ୍ତା ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଆର୍‌ସିସି ଅନ୍ନଦା ପ୍ରସାଦ ରଣା ମୁଖ୍ୟଅତିଥି ରୂପେ ଯୋଗଦାନ କରି ନାରୀର ବୌଦ୍ଧିକ, ବୈଷୟିକ ଶିକ୍ଷାର ବିକାଶ ଦିଗରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ସେକ୍ କମିରଉଦ୍ଦିନ୍, ଅର୍ଦ୍ଦାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷକ ସରୋଜ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତି ମଲିକ, ଶିକ୍ଷୟିତ୍ରୀ ମୋନାଲିସା ପଣ୍ଡା, ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ମୃତ୍ୟୁଞ୍ଜୟ ଜେନା, ପରିଚାଳନା କମିଟିର ଅଧ୍ୟକ୍ଷ ମନୋଜ ରାଉତ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ସଂସ୍ଥାର ମୁଖ୍ୟ କର୍ମକର୍ତ୍ତା ମାନସ ରଂଜନ ସାହୁଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲ୍ଲାର ସଭାପତି ମନୋଜ ରଣା, ବାଲେଶ୍ୱର ଜିଲ୍ଲାର ସଭାପତି ତପନ ସାହୁ, ଯାଜପୁର ଜିଲ୍ଲାର ସଭାପତି ପ୍ରଭାକର ସାହୁ, ରତିକାନ୍ତ ନାୟକ, ଚିରଞ୍ଜିତ ନାୟକ, ଆଶିଷ ରାଉତ, ପ୍ରତାପ ରାଉତ, ପ୍ରଦୀପ ପତି ଓ କୁଳମଣୀ ଷଡ଼ଙ୍ଗୀ ପ୍ରମୁଖ କର୍ମୀ ଉପସ୍ଥିତ ରହି ବିଦ୍ୟାଳୟକୁ ଏକ ଫ୍ୟାନ୍ ଓ ଛାତ୍ରୀମାନଙ୍କୁ ଖାତା, କଲମ ବଣ୍ଟନ କରିଥିଲେ।